**PRESS**

**Project:** Exploring the Feasibility and Value of Pioneering Partnerships to Reduce Avoidable Snakebite Deaths in India

| # | Outlet | Author | Title | Date | Media | URL |
|---|---|---|---|---|---|---|
| **1** | Down to Earth | Nibedita S Ray-Bennett, Madhulika Sahoo | Odisha carries a huge burden of snakebite deaths — but it is avoidable | 22 September 2022 | Article | URL |
| **2** | Down to Earth | Nibedita S. Ray-Bennett, Tom Caley and Stephen P Samuel | Right anti-venom, given on time, can reduce snakebite deaths in India | 28 March 2023 | Article | URL |
| **3** | The Hindu Business Line | Vinson Kurian | India to be focus of global campaign to prevent snakebite deaths | 6 March 2023 | Article | URL |
| **4** | Big Wire | Dr. Shakuntala Prathihary | Avoidable Deaths: Snakes and Snakebites | 23 May 2023 | Article | URL |
| **5** | Big Wire | Dr. Shakuntala Prathihary | Snakebites: An Unheard Public Health Crisis | 30 May 2023 | Article | URL |
| **6** | TEJ Odisha | | ବୁରୁଝୁରୀରେ ଓସଭାଓ୍ୱା ଏଡିନ୍ ନାମକ ଏକ ଆନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ସର୍ପ ଦଂଶନକୁ ନେଇ ସର୍ଭେ [A survey on snakebite conducted in Burujhari village by OSVSWA and ADN, an international organization] | 10 June 2023 | Video | URL |
| **7** | TEJ Odisha | | ବୁରୁଝୁରୀ ରେ ଓସୱା ଏଡିନ୍ ପକ୍ଷରୁ ସର୍ପ ଦଂଶନ ନେଇ ସର୍ଭେ II [Survey on snakebites by ADN-OSVSWA in Burujjuri Village] | 10 June 2023 | Photo | |

# ବୁରୁଝୁରୀରେ ଓସଭାଓ୍ୱା ଏଡିନ୍ ପକ୍ଷରୁ ସର୍ପ ଦଂଶନ ନେଇ ସର୍ଭେ



କୋଦଳା, ୧୦।୬ (ଆନିସ): ସର୍ପ ଦଂଶନକୁ ନେଇ ଓସଭାଓ୍ୱା ଏଡିନ୍ ନାମକ ଏକ ଆନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ରାଜ୍ୟରେ ଗଞ୍ଜାମ ଜିଲ୍ଲାର ଏକମାତ୍ର ଗ୍ରାମକୁ ସର୍ଭେ କରିବାକୁ ଆସିଛନ୍ତି ଉକ୍ତ ସଂସ୍ଥାର ଏକ ଟିମ୍। ଗଞ୍ଜାମ ଜିଲ୍ଲାର ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବୁରୁଝୁରୀ ପଞ୍ଚାୟତରେ ଆଜି ସର୍ଭେ କରିଛନ୍ତି ସଂସ୍ଥାର କର୍ମକର୍ତ୍ତା। ସର୍ପ ଦଂଶନ ପରେ ଲୋକମାନେ କଣ କରୁଛନ୍ତି, କେତେ ଜଣ ଏହି ଗ୍ରାମର ସର୍ପାଘାତରେ ଆହତ ଓ ମୃତ୍ୟୁ ହୋଇଛନ୍ତି ସେ ନେଇ ସର୍ଭେ କରିଥିବା ଦେଖିବାକୁ ମିଳିଛି। ସାପ କାମୁଡିଲେ ଲୋକମାନେ ପୁରୁଣା ପ୍ରଥା ଅନୁସାରେ ଝଡ଼ାଫୁଙ୍କା କରୁଛନ୍ତି କି, ତୁରନ୍ତ କେଉଁ ପଦକ୍ଷେପ ନେଉଛନ୍ତି ସେ ନେଇ ଗ୍ରାମର ଅନେକ ମହିଳା ଓ ପୁରୁଷ ମାନଙ୍କ ସହ ଆଲୋଚନା କରିଥିଲେ ଉକ୍ତ ଟିମ୍ ର କର୍ମକର୍ତ୍ତା। ସାପ କାମୁଡିବା ପରେ ତୁରନ୍ତ କେଉଁ କେଉଁ ପଦକ୍ଷେପ ନେବା ଆବଶ୍ୟକ ସେ ନେଇ ଲୋକମାନଙ୍କୁ ସଚେତନ କରିଥିଲେ ଉକ୍ତ ଟିମ୍ ର କର୍ମକର୍ତ୍ତା। ଏଥିରେ ବ୍ଲକ ଅଧକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ମହେଶ୍ୱର ବରଡ ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

| | | | | | | |
|---|---|---|---|---|---|---|
| **8** | Dainik Savera Ludhiana city edition | Anirban Ghosh | [What to do with snakebites, application to bring to school] | *13 June 2023 (TBC)* | Photo | |

# সাপে কাটায় কী করণীয়, স্কুলপাঠ্যে আনার আর্জি

অনির্বাণ ঘোষ

সাপের কামড় আর তার জেরে মৃত্যুতে দুনিয়ায় শীর্ষে ভারত। আর মৃত্যুতে দেশে শীর্ষে বাংলা। বিশেষজ্ঞরা মনে করেন, এর মধ্যে বহু মৃত্যু এড়ানো যেত জনমানসে যদি পর্যাপ্ত সচেতনতা থাকত। তাই স্কুলস্তর থেকেই ওয়াকিবহাল হোক পড়ুয়ারা, চাইছেন তাঁরা। যাতে পরবর্তী প্রজন্ম অসচেতনতায় না ভোগে।

সেই লক্ষ্যে একটি আন্তর্জাতিক মঞ্চের তরফে বিভিন্ন স্কুল বোর্ডকে অনুরোধ করা হয়েছে যাতে উচ্চ-প্রাথমিক পর্যায়েই সাপের কামড় ও তার প্রাথমিক চিকিৎসা নিয়ে বুনিয়াদি তথ্য তুলে ধরা হয় পাঠ্যবইয়ে। 'অ্যাভয়েডেবল ডেথস নেটওয়ার্ক' (এডিএন)-এর তরফে সোমবার পশ্চিমবঙ্গ মধ্যশিক্ষা পর্ষদের পাশাপাশি চিঠি দেওয়া হয়েছে সিবিএসই এবং আইসিএসই বোর্ডকে। এডিএন-এর পূর্বাঞ্চলীয় কো-অর্ডিনেটর স্নেহেন্দু কোনার জানাচ্ছেন, সারা দেশে গড়ে ফি-বছর প্রায় ৬৪ হাজার মানুষকে সাপে কাটে। অথচ সর্পদংশন ও তার প্রাথমিক চিকিৎসা সম্পর্কে স্কুলস্তরে কোনও বোর্ডেই সে ভাবে পড়ানো হয় না। এ দিকে সাপে কাটা ও তার জেরে মৃত্যু অন্যান্য অনেক অসুখ-বিসুখকেই ছাপিয়ে যাচ্ছে। তিনি বলেন, 'বুনিয়াদি স্তরেই যদি সচেতনতা গড়ে তোলা যায়, অসংখ্য মৃত্যু ঠেকানো সম্ভব। আমরা বোর্ডগুলিকে চিঠি দিয়েছি। শৈশব-কৈশোরে স্নেকবাইট, তার ম্যানেজমেন্ট সম্পর্কে ওয়াকিবহাল হলে পড়ুয়ারা বাবা-মাকেও সচেতন করতে পারবে।'

এডিএন-এর আমন্ত্রিত উপদেষ্টা তথা রাজ্য স্বাস্থ্য দপ্তরের অধীন সর্পাঘাত প্রশিক্ষণ কর্মসূচির প্রধান চিকিৎসক দয়ালবন্ধু মজুমদারও মনে করেন, পাঠ্যবইয়ে সর্পদংশনের বিষয়ে প্রাথমিক জ্ঞানের চ্যাপ্টার থাকা উচিত। তিনি বলেন, 'এখন মাধ্যমিক বোর্ডে অষ্টম শ্রেণিতে স্বাস্থ্য-শরীরশিক্ষা নামে ঐচ্ছিক বইয়ে সাপে কাটা বিষয়ে কিছু কথা লেখা আছে। কিন্তু বইটা যেহেতু ঐচ্ছিক, অধিকাংশ ক্ষেত্রেই পড়ানো হয় না।'

কী কী আছে সেই বইয়ে? সর্পদংশন সংক্রান্ত সচেতনতা আন্দোলনের কর্মী তথা ঘাটালের দাসপুর (২) গোমকপোতা গুণধর বিদ্যামন্দির স্কুলের প্রধান শিক্ষক সুব্রতকুমার বুড়াই জানাচ্ছেন, স্বাস্থ্য ও শরীরশিক্ষা বইয়ে চার পাতার মতো বরাদ্দ রয়েছে সাপ নিয়ে। তাতে এ রাজ্যের কিছু বিষধর ও নির্বিষ সাপের কথা ছবি-সহ লেখা আছে। বিগ-ফোর বলা হয় যে চারটি সাপকে (গোখরো, কেউটে, কালাচ ও চন্দ্রবোড়া), সেগুলি কামড়ালে কী করণীয়, তাও লেখা আছে। ওঝার বদলে যাতে সরকারি হাসপাতালে যাওয়া হয় সাপে কাটা ব্যক্তিকে নিয়ে, তারও উল্লেখ আছে। কিন্তু সুব্রতর মতে, 'বইটি আবশ্যিক না করলে অথবা সাপের বিষয়টি বিজ্ঞানের বইতে আবশ্যিক ভাবে না ঢোকালে সব পড়ুয়াকে এই শিক্ষার আওতায় আনা যাবে না।' স্নেহেন্দু জানাচ্ছেন, সে জন্যেই বিভিন্ন স্কুল বোর্ডকে তাঁরা আবেদন জানিয়েছেন, যাতে সর্পদংশন ও সাপে কাটার প্রাথমিক চিকিৎসা সম্পর্কে কৈশোরেই ওয়াকিবহাল করে তোলা হয় পড়ুয়াদের।

**সাপের ছোবলে**

- ২০১৭-তে ৩১০৭২ জন ও ২০১৮-তে ৩৬২২৯ জন সর্পদংশনের শিকার হয়েছিলেন রাজ্যে
- এই দু'বছরে যথাক্রমে ১৩৮ ও ২০৮ জন রাজ্যে মারা যান

সর্পাঘাতে রাজ্যে আসল মৃত্যু যথাক্রমে ১৮৯০ ও ২৭৮০ (বেসরকারি মতে)



| | | | | | | |
|---|---|---|---|---|---|---|
| **9** | Argus News | Manisha Rout | ଦେଶରେ ବାର୍ଷିକ ୧ଲକ୍ଷ ୪୦ ହଜାର ଲୋକ ସର୍ପାଘାତର ଶିକାର [1 lakh 40 thousand people are victims of snake bites in the country every year] | 21 June 2023 | Article | URL |
| **10** | Samajaina | | ବୈଷୟିକ ପଦକ୍ଷେପ ଓ ଜନ ସଚେତନତା ହିଁ ରୋକିବ ସର୍ପାଘାତ ଜନିତ ମୃତ୍ୟୁ [Only medical measures and public awareness can prevent snakebite deaths] | 21 June 2023 | Article | URL |
| **11** | Sarbasadharan | Samish | ବୈଷୟିକ ପଦକ୍ଷେପ ଓ ଜନ ସଚେତନତା ହିଁ ରୋକିବ ସର୍ପାଘାତ ଜନିତ ମୃତ୍ୟୁ [Only medical measures and public awareness can prevent snakebite deaths] | 21 June 2023 | Photo | |

# ବୈଷୟିକ ପଦକ୍ଷେପ ଓ ସଚେତନତା ହିଁ ରୋକିବ ସର୍ପାଘାତ ଜନିତ ମୃତ୍ୟୁ

## ଦେଶରେ ବାର୍ଷିକ ୧ଲକ୍ଷ ୪୦ ହଜାର ଲୋକ ସର୍ପାଘାତର ଶିକାର

ଭୁବନେଶ୍ୱର,୨୧।୬(ସମିସ)

ବ୍ୟାପକ ବୈଷୟିକ ପଦକ୍ଷେପ, ଜନ ସହଭାଗିତା ସହିତ ଜନସଚେତନା ବଢ଼ିଲେ ହିଁ ସର୍ପାଘାତ ଜନିତ ବିପର୍ଯ୍ୟୟକୁ ରୋକିହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ଅନ୍ତର୍ଜାତୀୟ ସଂସ୍ଥା ଆଭାଏଡବଲ୍ ଡେଥ୍ ନେଟୱାର୍କ ଓ ଓଡ଼ିଶା ରାଜ୍ୟ ସ୍ୱେଚ୍ଛାସେବୀ ଓ ସମାଜସେବୀ ସଙ୍ଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ସର୍ପାଘାତ ଜନିତ ମୃତ୍ୟୁ ଦୂରୀକରଣ ସମ୍ପର୍କିତ ଆଲୋଚନାଚକ୍ରରେ ଏଭଳି ମତ ପ୍ରକାଶ ପାଇଛି। ଏଥିରେ ଦେଶ ବିଦେଶର ବହୁ ଗବେଷକ, ବିଶେଷଜ୍ଞ, ଡାକ୍ତର ପ୍ରମୁଖ ଯୋଗଦେଇଥିଲେ।

ସୂଚନା ଅନୁସାରେ, ଆମ ଦେଶ ତଥା ରାଜ୍ୟରେ ସର୍ପାଘାତ ଜନିତ ବିପତ୍ତି ବଢ଼ିବାରେ ଲାଗିଛି। ଦେଶରେ ବାର୍ଷିକ ୧ ଲକ୍ଷ ୪୦ ହଜାର ଲୋକ ସର୍ପାଘାତର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ୫୮ ହଜାରରୁ ଅଧିକ ଲୋକ ସାପ କାମୁଡ଼ାରେ ମୃତ୍ୟୁ ମୁଖରେ ପଡ଼ନ୍ତି। ସେହିପରି ୨୦୧୫ରୁ ୨୦୧୯ ମଧ୍ୟରେ ଆମ ରାଜ୍ୟରେ ୬,୩୫୧ ଜଣ ଲୋକ ସର୍ପାଘାତରୁ ମୃତ୍ୟୁବରଣ କରିଛନ୍ତି। ଗଞ୍ଜାମରେ ସର୍ବାଧିକ ୩୦୭



ଜଣ ପ୍ରାଣ ହରାଇଥିବା ବେଳେ କେନ୍ଦୁଝର (୨୯୭) ଓ ବାଲେଶ୍ୱର (୨୯୩)। ପ୍ରତି ୧୦ଲକ୍ଷ ଲୋକଙ୍କ ମଧ୍ୟରୁ ୨୬ ଜଣ ସର୍ପାଘାତର ଶିକାର ହେଉଥିବା ନେଇ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଏହି ଆଲୋଚନାଚକ୍ରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ରାଜ୍ୟରେ ବିପର୍ଯ୍ୟୟ ଜନିତ ମୃତ୍ୟୁସଂଖ୍ୟା କିଭଳି ଶୂନ ରହିବ ସେ ଦିଗରେ ସରକାର ପ୍ରାଥମିକତା ଦେଉଥିବା ସୂଚାଇ ଥିଲେ। ନ୍ୟୁୟର୍କରୁ ପ୍ରତିନିଧିତ୍ୱ କରୁଥିବା ଗବେଷିକା ନିବେଦିତା ରାୟ ବେନଏତ୍ ସର୍ପାଘାତ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ମୁକାବିଲା କୌଶଳ ସ୍ୱତନ୍ତ୍ର ଭାବେ କରାଯିବାର ଆବଶ୍ୟକତା ଥିବା କହିଥିଲେ। ଲଣ୍ଡନରୁ ଆସିଥିବା ଡ. ଷ୍ଟିଫେନ୍ ସାମୁଏଲ, ଜାପାନର ବିଶେଷଜ୍ଞ ଡ. ହିଦେଉକି ଶିରୋଷିତା, ସମାଜ ବିଜ୍ଞାନୀ ଡ. ଅମ୍ବିକା ପ୍ରସାଦ ନନ୍ଦ, ଦିଲ୍ଲୀପ ପଟ୍ଟନାୟକ ପ୍ରମୁଖ ସର୍ପାଘାତ ପୂର୍ବରୁ ଓ ପରବର୍ତ୍ତୀ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମୀଣ କୃଷକ, ଶ୍ରମିକ ଓ ବିଶେଷ କରି ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ହିଁ ସର୍ପ ଦଂଶନର ଶିକାର ହେଉଥିବା ସେମାନେ ଦର୍ଶାଇଥିଲେ। ଦେଶ ତଥା ରାଜ୍ୟରେ ହେଉଥିବା ବନ୍ୟା, ବାତ୍ୟା ଓ ବଜ୍ରପାତ ଜନିତ ମୋଟ୍ ମୃତ୍ୟୁ ସଂଖ୍ୟା ମଧ୍ୟରୁ କେବଳ ୪୦ ପ୍ରତିଶତ ମୃତ୍ୟୁ ସର୍ପାଘାତରେ ହେଉଥିବା ଆଲୋଚନା କରାଯାଇଥିଲା। ଭାରତ ସରକାର ୨୦୦୫ରେ ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ସୂଚୀରେ ସ୍ଥାନ ଦେଇଥିବା ବେଳେ ରାଜ୍ୟ ସରକାର ୨୦୧୫ ମସିହାରେ ଏହାକୁ ସ୍ୱତନ୍ତ୍ର ବିପର୍ଯ୍ୟୟ ତାଲିକାରେ ଅନ୍ତର୍ଭୁକ୍ତ କରିଥିବା କଥା ଅତିଥିମାନେ ଦର୍ଶାଇବା ସହ ଏଭଳି ଏକ ସମ୍ବେଦନଶୀଳ ଅପମୃତ୍ୟୁକୁ ରୋକିବା ଦିଗରେ ବ୍ୟାପକ ବୈଷୟିକ ପଦକ୍ଷେପ ସାଙ୍ଗକୁ ଜନସଚେତନତାର ଆବଶ୍ୟକତା ଥିବା ଅତିଥିମାନେ କହିଥିଲେ। କର୍ମଶାଳାକୁ ନିହାର ରଞ୍ଜନ ଓ ବାସନ୍ତୀ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

| | | | | | | |
|---|---|---|---|---|---|---|
| **12** | Odisha Bharta | | Avoidable Snakebite Deaths | 21 or 22 June 2023 | Article | URL |
| **13** | Mahabharata | | ସାପର ମୃତ୍ୟୁକୁ ରୋକିବା ପାଇଁ ଜନସଚେତନତା ଆବଶ୍ୟକ । [Public awareness is needed to prevent snakebite deaths] | 22 June 2023 | Article | URL |
| **14** | Argus News | | ସର୍ପ ଦଂଶନ ଜନିତ ମୃତ୍ୟୁ ଦୂରୀକରଣ ନେଇ ଆରମ୍ଭ ହୋଇଛି ଆଲୋଚନାଚକ୍ର [A seminar has been started on elimination of death due to snake bites] | 22 June 2023 | Video | URL |
| **15** | Dharitri Bhubaneswar | Bandana Selhi | [Awareness is what can prevent snakebite disasters] | 22 June 2023 | Photo | |

Avoidable Deaths Network

# ସଚେତନତା ହିଁ ସର୍ପାଘାତଜନିତ ବିପର୍ଯ୍ୟୟ ରୋକିବ



କର୍ମଶାଳାରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଓ ଅନ୍ୟ ଅତିଥିମାନେ।

- ପ୍ରତି ୧୦ଲକ୍ଷରେ ୨୬ଜଣ ସାପ କାମୁଡ଼ାର ଶିକାର
- ସର୍ପାଘାତ ମୃତ୍ୟୁରେ ଗଞ୍ଜାମ ପ୍ରଥମ, କେନ୍ଦୁଝର ଦ୍ୱିତୀୟ ଓ ବାଲେଶ୍ୱର ତୃତୀୟ

ଭୁବନେଶ୍ୱର, ୨୧।୬(ବନ୍ଦନା ସେଠୀ)

ଭାରତ ତଥା ଓଡ଼ିଶାରେ ସର୍ପାଘାତଜନିତ ବିପଦ ବଢ଼ିବାରେ ଲାଗିଛି। ଗ୍ରାମୀଣ କୃଷକ, ଶ୍ରମିକ ଓ ବିଶେଷକରି ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ହିଁ ସର୍ପ ଦଂଶନର ଶିକାର ହେଉଛନ୍ତି। ବନ୍ୟା, ବାତ୍ୟା ଓ ବଜ୍ରପାତଜନିତ ମୋଟ ମୃତ୍ୟୁସଂଖ୍ୟା ମଧ୍ୟରୁ କେବଳ ୪୦ପ୍ରତିଶତ ମୃତ୍ୟୁ ସର୍ପାଘାତରେ ହେଉଛି। ଦେଶରେ ବାର୍ଷିକ ୧ ଲକ୍ଷ ୪୦ ହଜାର ଲୋକଙ୍କୁ ସାପ କାମୁଡୁଥିବାବେଳେ ଏମାନଙ୍କ ମଧ୍ୟରୁ ୫୮ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି। ତେବେ ଓଡ଼ିଶାରେ ୨୦୧୫ରୁ ୨୦୧୯ ମଧ୍ୟରେ ୬ ହଜାର ୩୫୧ଜଣ ଲୋକ ସର୍ପାଘାତରେ ମରିଛନ୍ତି। ଗଞ୍ଜାମରେ ସର୍ବାଧିକ ୩୦୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦୁଝରରେ ୨୯୭ ଓ ବାଲେଶ୍ୱରରେ ୨୯୩ଜଣ ଆଖି ବୁଜିଛନ୍ତି। ତେଣୁ ଭାରତ ସରକାର ୨୦୦୫ରେ ଓ ରାଜ୍ୟ ସରକାର ୨୦୧୫ ମସିହାରେ ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ସୂଚୀରେ ସ୍ଥାନ ଦେଇଛନ୍ତି। ଏପରି ଏକ ସମ୍ବେଦନଶୀଳ ଅପମୃତ୍ୟୁକୁ ରୋକିବା ଦିଗରେ ବ୍ୟାପକ ବୈଷୟିକ ପଦକ୍ଷେପ ସାଙ୍ଗକୁ ଜନ ସହଭାଗିତା ତଥା ସଚେତନତାର ଆବଶ୍ୟକତା ରହିଥିବା ଅତିଥିମାନେ କହିଛନ୍ତି। ବୁଧବାର ଅନ୍ତର୍ଜାତୀୟ ସଂସ୍ଥା ଆଭଏଡ଼ବଲ୍ ଡେଥ୍ ନେଟ୍‌ୱାର୍କ (ଏଡିଏନ) ପକ୍ଷରୁ ଦୁଇଦିନିଆ ସର୍ପାଘାତଜନିତ ମୃତ୍ୟୁ ଦୂରୀକରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶ ବିଦେଶର ବହୁ ଗବେଷକ, ବିଶେଷଜ୍ଞ, ଡାକ୍ତର, ସମାଜସେବୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସର୍ପାଘାତ ଜନିତ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହ ପ୍ରତି ୧୦ଲକ୍ଷ ଲୋକଙ୍କ ମଧ୍ୟରୁ ୨୬ଜଣ ସର୍ପାଘାତର ଶିକାର ହେଉଥିବା ଅତିଥିମାନେ ମତ ଦେଇଥିଲେ।

ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ, ରାଜ୍ୟରେ ବିପର୍ଯ୍ୟୟଜନିତ ମୃତ୍ୟୁସଂଖ୍ୟା କିଭଳି ଶୂନ ରହିବ ସେ ଦିଗରେ ସରକାର ପ୍ରାଥମିକତା ଦେଉଥିବା କହିଥିଲେ। ନ୍ୟୁୟର୍କରୁ ପ୍ରତିନିଧିତ୍ୱ କରୁଥିବା ଗବେଷିକା ନିବେଦିତା ରାୟ ବେନଏତ୍ କହିଲେ, ସର୍ପାଘାତ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା। ତେଣୁ ଏହାର ମୁକାବିଲା କୌଶଳ ସ୍ୱତନ୍ତ୍ର ଭାବେ କରାଯିବାର ଆବଶ୍ୟକତା ରହିଛି। ଲଣ୍ଡନରୁ ଆସିଥିବା ଡା. ଷ୍ଟିଫେନ ସାମୁଏଲ, ଜାପାନର ବିଶେଷଜ୍ଞ ଡା. ହିଦେଉକି ଶିରୋଷିତା, ସମାଜବିଜ୍ଞାନୀ ଡ. ଅମିୟ ପ୍ରସାଦ ନନ୍ଦ, ଦିଲୀପ ପଟ୍ଟନାୟକ ପ୍ରମୁଖ ସର୍ପାଘାତ ପୂର୍ବ ଓ ପରବର୍ତ୍ତୀ ସଚେତନତା ସହ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଶା ସ୍ୱେଚ୍ଛାସେବୀ ଓ ସମାଜସେବୀ ସଂଘ ପକ୍ଷରୁ ନୀହାର ରଞ୍ଜନ ଓ ବାସନ୍ତୀ ଷଡ଼ଙ୍ଗୀ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।